# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 27 September – 2025

**********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାରେ ଡବଲ୍ ଇଞ୍ଜିନ୍ ସରକାରରେ ପ୍ରଗତିର ଧାରା ଜାରି ରହିଛି; କହିଲେ ପ୍ରଧାନମନ୍ତ୍ରୀ

– ଝାରସୁଗୁଡ଼ା ଗସ୍ତରେ ଆସି ୬୦ ହଜାର କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକର କଲେ ଶିଳାନ୍ୟାସ ଓ ଶୁଭାରମ୍ଭ

– ବ୍ରହ୍ମପୁରଠାରୁ ସୁରଟ ମଧ୍ୟରେ ଆଜିଠାରୁ ଆରମ୍ଭ ହେଲା ଅମୃତ ଭାରତ ଏକ୍ସପ୍ରେସ୍

- ଭୁବନେଶ୍ୱରଠାରେ ଆଜିଠାରୁ ଆରମ୍ଭ ହେବ ଦୁଇଦିନିଆ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ

- ପର୍ଯ୍ୟଟନ ଏବଂ ସ୍ଥାୟୀ ପରିବର୍ତ୍ତନର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ପର୍ଯ୍ୟଟନ ଦିବସ

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଲାଗି ରହିଛି ବର୍ଷା

Jharsuguda/Sambalpur

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ଓଡ଼ିଶାରେ ଡବଲ୍ ଇଞ୍ଜିନ୍ ସରକାରରେ ପ୍ରଗତିର ଧାରା ଜାରି ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଦିନିକିଆ ଓଡ଼ିଶା ଗସ୍ତରେ ଆସି ଝାରସୁଗୁଡ଼ା ଜିଲ୍ଲାର  ଅମଲିପାଲି ପଡ଼ିଆଠାରେ ଦେଶର ଭିତ୍ତିଭୂମି ଏବଂ ଡିଜିଟାଲ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ୬୦ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକରେ ଦୂରସଂଚାର, ରେଳବାଇ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ଏବଂ ଗ୍ରାମୀଣ ଗୃହନିର୍ମାଣ ସମେତ ବିଭିନ୍ନ କ୍ଷେତ୍ର ଅନ୍ତର୍ଭୁକ୍ତ ଅଛି। ଶ୍ରୀ ମୋଦୀ ତାଙ୍କ ଉଦ୍‌ବୋଧନରେ କହିଛନ୍ତି,  ଓଡ଼ିଶାର ଜନସାଧାରଣ ଆଗାମୀ ଦିନରେ ବିକାଶର ଧାରା ଦେଖିବେ।

**- V/O -**

ଓଡ଼ିଶାରେ ଆଗାମୀ ଦିନରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ ହେବ, ଯାହା ରାଜ୍ୟକୁ ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅଗ୍ରସର କରାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ସମ୍ବଲପୁର ଠାରୁ ସର୍ଲା ପର୍ଯ୍ୟନ୍ତ ୨୭୩ କୋଟି ଟଙ୍କାର ରେଳ ଫ୍ଲାଏଓଭର, ଭୁବନେଶ୍ୱର ଆଇ.ଆଇ.ଟି'ର ସହଯୋଗରେ ସେମିକଣ୍ଡକ୍ଟର ଏବଂ

ଇ.ଏସ୍.ଡି.ଏମ୍ ପାର୍କ ସ୍ଥାପନ ପାଇଁ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି। ଚିପ୍‌ଠାରୁ ଆରମ୍ଭ କରି ସିପ୍ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହେବ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ସ୍ୱଦେଶୀ ଜ୍ଞାନକୌଶଳରେ ସିପ୍ ନିର୍ମାଣ ପାଇଁ ୧୭ ହଜାର କୋଟି ଟଙ୍କାର ଅର୍ଥରାଶିକୁ ପ୍ରଧାନମନ୍ତ୍ରୀ ମଞ୍ଜୁରୀ ଦେଇଛନ୍ତି।

**- V/O -**

ଶ୍ରୀ ମୋଦୀ ଏହି ଅବସରରେ ୮ଟି ଆଇ.ଆଇ.ଟି'ର ଭିତ୍ତିଭୂମି ସମ୍ପ୍ରସାରଣ କରିଛନ୍ତି। ଓଡ଼ିଶାରେ ଦକ୍ଷତା ବିକାଶକୁ ଆଗେଇ ନେବା ପାଇଁ ୧ ହଜାର ୯୭୯ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହା ଯୁବପିଢ଼ିଙ୍କୁ ସଶକ୍ତ କରିବା ସହ ନବସୃଜନକୁ ପ୍ରୋତ୍ସାହିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବି.ଏସ୍.ଏନ୍.ଏଲ୍. ଦ୍ୱାରା ୯୭ ହଜାର ୫୦୦ରୁ ଊର୍ଦ୍ଧ୍ୱ ନୂତନ ଫୋର୍-ଜି ମୋବାଇଲ ଟାୱାରର ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାରେ ନିର୍ମିତ ଏହି ଟାୱାର ଦୂରଦୂରାନ୍ତ, ଗ୍ରାମାଞ୍ଚଳ ଏବଂ ମାଓ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ମୋବାଇଲ ଇଣ୍ଟରସେବାକୁ ଉନ୍ନତ କରିବ। ସମଗ୍ର ଦେଶରେ ପ୍ରାୟ ୪ ଲକ୍ଷ ଫୋରଜ୍-ଜି ଟାୱାର ସହିତ ବି.ଏସ୍.ଏନ୍.ଏଲ୍. ଭାରତକୁ ଏକ ବିଶ୍ୱସ୍ତରୀୟ ପ୍ରଯୁକ୍ତିବିଦ୍ୟା ଉତ୍ପାଦନ କେନ୍ଦ୍ର ଭାବେ ଉଭା ହେବାରେ ସାହାଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବ୍ରହ୍ମପୁରରୁ ସୁରଟ୍‌ର ଉଧନା ମଧ୍ୟରେ

ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅମୃତ ଭାରତ ଏକ୍ସପ୍ରେସ୍‌କୁ ଶୁଭାରମ୍ଭ କହିଛନ୍ତି।

**- V/O -**

ପ୍ରଧାନମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ଓଡ଼ିଶାରେ ୫୦ ହଜାର ଘର ନିର୍ମାଣ ନିମନ୍ତେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରିଛନ୍ତି।

ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ୧୩୦ଟି ଉଚ୍ଚଶିକ୍ଷା ଅନୁଷ୍ଠାନରେ ୱାଇ.ଫାଇ ସୁବିଧାର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, କୃଷକ ଭାଇଭଉଣୀମାନଙ୍କୁ ଆର୍ଥିକସ୍ତରରେ ମଜଭୁତ କରିବା ପାଇଁ ଜି.ଏସ୍.ଟି.ରେ ସଂସ୍କାର ସହ ଟିକସ ହାରକୁ ହ୍ରାସ କରାଯାଇଛି।

ବୀର ସୁରେନ୍ଦ୍ର ସାଏ ଆର୍ୟୁବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ, ବୁର୍ଲା ଏବଂ ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବ୍ରହ୍ମପୁରକୁ ବିଶ୍ୱସ୍ତରୀୟ ସୁପର ସ୍ପେଶିଆଲିଟି ଚିକିତ୍ସାଳୟରେ ରୂପାନ୍ତରଣ ପାଇଁ ୩ ହଜାର କୋଟି ଟଙ୍କା ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ଏହା ରାଜ୍ୟର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ସାହାଯ୍ୟ କରିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଡବଲ୍ ଇଞ୍ଜିନ୍ ସରକାର

ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଅଗ୍ରସର ହେଉଛି। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କ ସମେତ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ସାଂସଦମାନେ ଉପସ୍ଥିତ ଥିଲେ।

HS

## ମଧ୍ୟସ୍ଥତା ସମ୍ମିଳନୀ

ଭୁବନେଶ୍ୱର ଲୋକସଭା ସମ୍ମିଳନୀ କକ୍ଷରେ ଆଜିଠାରୁ ଦୁଇଦିନିଆ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ଅନୁଷ୍ଠିତ ହେବ। ସୁପ୍ରିମ୍‌କୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ସମେତ ବିଭିନ୍ନ ରାଜ୍ୟର ୧୦ ଜଣ ହାଇକୋର୍ଟର ବିଚାରପତି ଏବଂ ମଧ୍ୟସ୍ଥତା ବିଶେଷଜ୍ଞ ସମ୍ମିଳନୀରେ ଯୋଗଦେବେ । କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ୍ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ରାଜ୍ୟର ଆଇନ୍ ମନ୍ତ୍ରୀମାନେ ମଧ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ମଧ୍ୟସ୍ଥତା ମାଧ୍ୟମରେ ବିଭିନ୍ନ ମାମଲାର ସମାଧାନ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ।

Desk

## ସେବାପର୍ବ-ଆଚିଭ୍‌ମେଣ୍ଟ

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ଦେଶର କାଳଜୟୀ ଐତିହ୍ୟ ଏବଂ ଶହୀଦମାନଙ୍କୁ ସମ୍ମାନିତ କରିବା ପାଇଁ ସରକାର ଗ୍ରହଣ କରିଥିବା ପଦକ୍ଷେପ ସଂପର୍କରେ ।

ଇତିହାସର ସଂରକ୍ଷଣ ଏବଂ ଦେଶପ୍ରେମକୁ ପ୍ରୋତ୍ସାହିତ କରିବା ସହିତ ପରବର୍ତ୍ତୀ ପିଢ଼ିକୁ ତ୍ୟାଗର ଭାବନା ସହିତ ଯୋଡ଼ିବା ପାଇଁ କେନ୍ଦ୍ର ସରକାର ବହୁ ପ୍ରତୀକାତ୍ମକ ସ୍ମାରକୀ ଏବଂ ଜାତୀୟ ଗର୍ବର ପ୍ରତୀକ ପ୍ରତିଷ୍ଠା କରିଛନ୍ତି । ପ୍ରତ୍ୟେକ ରାଷ୍ଟ୍ର ଗଠନରେ ପ୍ରାଣବଳି ଦେଇଥିବା ବୀରମାନଙ୍କ ଚିନ୍ତାଧାରା, ସଂଗ୍ରାମୀ ଜୀବନ, ତ୍ୟାଗ, ଏବଂ ଦୃଷ୍ଟିକୋଣ ପରିଭାଷିତ ହୋଇଥାଏ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱାଧୀନ ସରକାର ଏ ଦିଗରେ ବ୍ୟାପକ ପରିବର୍ତ୍ତନ ଆଣିଛନ୍ତି । ନୂତନ ସଂସଦ ଭବନ ଉଦ୍‌ଘାଟନ କରାଯିବା ଅବସରରେ ସଂଗ୍ରାମୀଙ୍କର ସ୍ମାରକୀ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

**V/O (PM)**

**Seba Parba Closing**

BHK

**ଭୋକାଲ ଫର ଲୋକାଲ୍**

ସେବାପର୍ବ ଅବସରରେ ସ୍ୱଦେଶୀ ଦ୍ରବ୍ୟ କ୍ରୟ ଏବଂ ଆତ୍ମନିର୍ଭରଶୀଳ ଭାରତ ଅନ୍ତର୍ଗତ ଭୋକାଲ ଫର୍ ଲୋକାଲ  ସଚେତନତା କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲା ବନ୍ଧୁ ବ୍ଲକ ମୁଖ୍ୟ ସାପ୍ତାହିକ ହାଟରେ ଅନୁଷ୍ଠିତ ହୋଇଯାଇଛି। ସ୍ୱଦେଶୀ ଦ୍ରବ୍ୟ କିଣିବା ଉପରେ ସେଠାରେ ଲୋକମାନଙ୍କୁ ଉତ୍ସାହିତ କରାଯାଉଛି।

Dhenkanal

# ପର୍ଯ୍ୟଟନ ଦିବସ

**ପର୍ଯ୍ୟଟନ ଏବଂ ସ୍ଥାୟୀ ପରିବର୍ତ୍ତନର** ବାର୍ତ୍ତା ନେଇ ଆଜି ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଉଛି । ୧୯୮୦ ମସିହାଠାରୁ ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂଗଠନ ପକ୍ଷରୁ ଆଜିର ଦିନକୁ ବିଶ୍ୱବ୍ୟାପୀ ପାଳନ କରାଯାଇଆସୁଛି।  ଦେଶର ଅର୍ଥନୀତିକୁ ସୁଦୃଢ଼ କରାଇବା ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ପରିଚିତ କରିବା ପାଇଁ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପର୍ଯ୍ୟଟନ ସାଂସ୍କୃତିକ ଆଦାନ ପ୍ରଦାନ ଏବଂ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ବଢ଼ାଇବା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

ଢେଙ୍କାନାଳ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ କାର୍ଯ୍ୟାଳୟ ସଭାଗୃହରେ ଆଜି ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଜଗଦୀଶ ରାୟ ଯୋଗଦେଇ ରାଜ୍ୟରେ ସରକାରଙ୍କ ପକ୍ଷରୁ ଜାରି ରହିଥିବା ବିଭିନ୍ନ ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ

ଦୂରଦୃଷ୍ଟିରେ 'ଦେଖୋ ଅପ୍ନାଦେଶ' କାର୍ଯ୍ୟକ୍ରମ ଅଧୀନରେ ଦେଶ ଓ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ଶ୍ରୀ ରାୟ କାର୍ଯ୍ୟକ୍ରମରେ ମତବ୍ୟକ୍ତ କରିଥିଲେ ।

Ganjam

## ଲଗାଣ ବର୍ଷା

ଗଞ୍ଜାମ ଜିଲ୍ଲାରେ ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ଜିଲ୍ଲାର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ବୁଲି ସ୍ଥିତି ଯାଞ୍ଚ କରିଛନ୍ତି। ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଜିଲ୍ଲାରେ ଥିବା ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।  ଜିଲ୍ଲାରେ ବ୍ଲକ ଓ ତହସିଲ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ଜରୁରୀକାଳୀନ ନମ୍ବର ଜାରି କରାଯାଇଛି।

MET

## ପାଣିପାଗ

ଉତ୍ତର-ପଶ୍ଚିମ ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଅବପାତରେ ପରିଣତ ହୋଇଛି । ଏହା ଆଜି ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା

ରହିଛି । ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।  ଗତ ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗୀର ଜିଲ୍ଲାର ସାଲେଭଟ୍ଟାରେ ସର୍ବାଧିକ ୧୨୩ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ହୀରାକୁଦ ଜଳଭଣ୍ଡାରରୁ ମଧ୍ୟାହ୍ନ ୧୨ଟା ସୁଦ୍ଧା ୧୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଲଘୁଚାପ ଜନିତ ବର୍ଷାର ମୁକାବିଲା ନେଇ ୧୭ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଆଭାସୀ ମାଧ୍ୟମରେ ସମୀକ୍ଷା କରିଛନ୍ତି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି କୋରାପୁଟ, ନୟାଗଡ଼, ମାଲକାନଗିରି, ନୂଆପଡ଼ା ଜିଲ୍ଲାରେ ଆଜି ପାଇଁ ସ୍କୁଲ୍ ଛୁଟି ରହିଛି। କଳାହାଣ୍ଡି ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

**********************************